# Akashvani, Sambalpur

## SAMBALPURI NEWS EVENING BULLETIN

## 2 September 2026-7.02- 7.12 pm.

---

୧- ନୂଆଦିଲ୍ଲୀ ନ ଜଲ୍‌ଶକ୍ତି ମନ୍ତ୍ରଣାଳୟ ବିଭାଗୀୟ ସମ୍ମିଳନୀ ଆଏଜ୍ ହେଉଛେ ଉଦ୍‌ଯାପିତ୍ ।

- ସମ୍ମିଳନୀଥି ରାଜ୍ୟର୍ ଜଲ୍‌ସଂରକ୍ଷଣ୍, ଭୂତଳ ପରିଚାଳନା, ଆଉ ଭିତିଭୂମି ବିକାଶ୍‌ର ସଫଳତା ଉପସ୍ଥାପନ୍ କଲେ- ମୁଖ୍ୟମନ୍ତ୍ରୀ ।

୨- ରାଏଜେ ବରିଷ୍ଠ ନାଗରିକ୍ ତୀର୍ଥଯାତ୍ରା ଯୋଜ୍‌ନାଥି ତୀର୍ଥଯାତ୍ରାର ହେଲା ଶୁଭାରମ୍ଭ ।

- ଭୁବ୍‌ନେଶ୍ୱର୍‌ନୁ ୭ ଶହ ୮୫ ଝନ୍ ଅଯୋଧ୍ୟା ବାରାଣାସୀକେ କଲେ ଯାତ୍ରା ।

୩- ରାଜ୍ୟର୍ ବିପର୍ଯ୍ୟୟ ପରିଚାଳନା ବ୍ୟବସ୍ଥାକେ ବର୍‌କସ୍ କର୍‌ବାର୍ ଲାଗି ଓସ୍‌ଡମା ତର୍‌ଫୁ ସ୍ୱାକ୍ଷରିତ୍ ହେଲା ୨ ଟା ବୁଝାମଣାପତ୍ର ।

ଆଉର୍

୪- ପ୍ରଦୂଷଣ୍ ପ୍ରମାଣ୍‌ପତ୍ର ଜରିମାନାକେ କମ୍ କଲେ ରାଜ୍ୟ ସର୍‌କାର୍ ।

ଜଳଶକ୍ତି ସମ୍ମିଲନୀ ଆର୍‌ଏନ୍‌ୟୁ/ ସମ୍ବଲପୁର

ନୂଆଦିଲ୍ଲୀ ନ ଆଏଜ୍ ଜଳଶକ୍ତି ମନ୍ତ୍ରଣାଳୟର୍ ବିଭାଗୀୟ ସମ୍ମିଲନୀ ଉଦ୍‌ଯାପିତ୍ ହେଉଛେ । ଗଲାକାଏଲ୍‌ନୁ ମୁଲ୍ ହେଇଥିବା ଇ ଦୁଇଦିନିଆ ସମ୍ମିଲନୀ ହେଉଛେ ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର୍ ପରିକଳ୍ପିତ ବିଭାଗ୍‌ସ୍ତରୀୟ ଶିଖର୍ ସମ୍ମିଲନୀର୍ ପହେଲା ଖେପ୍ । ଶିଖର୍ ସମ୍ମିଲନୀଥି ୪ ଟା ପ୍ରମୁଖ୍ କ୍ଷେତ୍ର ଉପ୍‌ରେ ଖାସ୍ ଧ୍ୟାନ୍ ଦିଆଯାଇଛେ । ଆଏଜ୍ ଉଦ୍‌ଯାପନୀ ସମାରୋହ ସମ୍ମିଲନୀଥି ପ୍ରଧାନ୍‌ମନ୍ତ୍ରୀଙ୍କର୍ ସହେତେ କେନ୍ଦ୍ର ଜଳଶକ୍ତି ମନ୍ତ୍ରୀ ସି.ଆର୍. ପାଟିଲ୍, ଛତିଶ୍‌ଗଡ୍ ମୁଖ୍ୟମନ୍ତ୍ରୀ ବିଷ୍ଣୁ ଦେବ୍ ସାଏଙ୍କର୍ ସହେତେ ଭିନ୍ ଭିନ୍ ରାଜ୍ୟର୍ ଜଲ୍‌ସମ୍ପଦ୍ ମନ୍ତ୍ରୀ ଆଉ ବରିଷ୍ଠ ଅଧିକାରମାନେ ଉପସ୍ଥିତ୍ ଅଛନ୍ ।

ସମ୍ମିଲନୀଥି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଯୋଗ୍ ଦେଇକରି କହିଛନ, ଓଡ଼ିଶାର୍ ଅର୍ଥନୀତି କୃଷି ପ୍ରଧାନ୍

ହେଇଥିବାର୍‌ନୁ ଜଲ୍‌ସୁରକ୍ଷା ଆଉ ସିଂଚନ୍ ବିକାଶ୍‌କେ ସରକାର୍ ଅଏତ୍‌କା ପ୍ରାଥମିକତା ଦଉଛନ୍ । ଇଥିର୍‌ଲାଗି ଗଲା ୨ ବଛର୍ ଭିତ୍‌ରେ ରାଏଜେ ୫୪ ହଜାର୍ କୋଟି ଟଙ୍କାର୍ ଜଲ୍‌ଭିତିଭୂମି କାମ୍‌କେ ମଞ୍ଜୁରୀ ଦିଆଯାଇଛେ । ଆଉ ଖୋବ୍ କମ୍ ସମିଆ ଭିତ୍‌ରେ ୩ ଲାଖ୍ ୨୦ ହଜାର୍ ହେକ୍ଟର୍ ଚାଷ୍ ଜମିନ୍‌କେ ଜଲ୍‌ସେଚନ୍ ସୁବିଧା ଯୁଗେଇ ଦିଆଯାଇଛେ ବଲି ମୁଖ୍ୟମନ୍ତ୍ରୀ କହିଛନ୍ । ସମ୍ମିଲନୀଥି ମୁଖ୍ୟମନ୍ତ୍ରୀ ରାଜ୍ୟର୍ ଜଲ୍‌ସଂରକ୍ଷଣ୍, ଭୂତଳ ପରିଚାଲନା, ଆଉ ଭିତିଭୂମି ବିକାଶ୍‌ର ବ୍ୟାପକ୍ ସଫଲତା ଉପସ୍ଥାପନ୍ କରିଛନ୍ ।

ରାଜ୍ୟର୍ ଜଲ୍ ଭିତିଭୂମିକେ ବର୍‌କସ୍ କର୍‌ବାର୍ ଲାଗି ୭ ଶହ ୭୦ ଟା ନୂଆଁ ଚେକ୍‌ଡେମ୍, ୯ ଟା ଇନ୍‌ଷ୍ଟ୍ରିମ୍ ଷ୍ଟୋରେଜ୍ ଷ୍ଟ୍ରକ୍‌ଚର୍ କାମ୍ ଶେଷ୍ ହେଇଥିବାର୍ ବେଲେ ୧ ହଜାର୍ ୩ ଶହ ୧୨ ଟା ପୁର୍‌ନା ଚେକ୍‌ଡେମ୍‌ର ପୁନରୁଦ୍ଧାର୍ କରାଯାଇଛେ ବଲି ମୁଖ୍ୟମନ୍ତ୍ରୀ ସୂଚ୍‌ନା ଦେଇଛନ୍ । ରାଏଜେ ଇ ଦିଗେ ନିଆଯାଇଥିବା ଭିନ୍ ଭିନ୍ ପଦକ୍ଷେପ୍ ଲାଗି ଆଘୋନୁ ୫ ନମ୍ବର୍ ରାଷ୍ଟ୍ରୀୟ ଜଲପୁରସ୍କାରଥି ଓଡ଼ିଶା ସର୍ବଶ୍ରେଷ୍ଠ ରାଜ୍ୟର୍

ମାନ୍ୟତା ପାଇସାରିଛେ ବଲି ମୁଖ୍ୟମନ୍ତ୍ରୀ ଇ ଅବ୍‌ସରେ କହିଛନ୍ ।

ବରିଷ୍ଠ ନାଗରିକ୍ ତୀର୍ଥଯାତ୍ରା          ଆଇ.ଆଣ୍ଡ୍.ପି.ଆର୍

ଭୁବନେଶ୍ୱର୍ ନୂଆଁ ରେଲ୍‌ଷ୍ଟେସନ୍ ଠାନେ ଆଏଜ୍ ସଖାଲର୍ ୧୧ ବଜେ ମୁଖ୍ୟମନ୍ତ୍ରୀ ବରିଷ୍ଠ ନାଗରିକ୍ ତୀର୍ଥଯାତ୍ରା ଯୋଜ୍‌ନାଥି ଯାତ୍ରାର୍ ଶୁଭାରମ୍ଭ ହେଇଛେ । ଯୋଜ୍‌ନା ଅଧୀନ୍‌ଥି ୭ ଶହ ୮୫ ଝନ୍ ଯୋଗ୍ୟ ତୀର୍ଥଯାତ୍ରୀଙ୍କୁ ଓଡ଼ିଶା ନ ବାରଣାସୀ-ଅଯୋଧ୍ୟା ନେଇକରି ଯାଉଥିବା ଗୁଟେ ଖାସ୍ ଟ୍ରେନ୍‌କେ ଉପମୁଖ୍ୟମନ୍ତ୍ରୀ ଆଉ ପର୍ଯ୍ୟଟନ୍ ମନ୍ତ୍ରୀ ପ୍ରଭାତୀ ପରିଡ଼ା ଶୁଭାରମ୍ଭ କରିଛନ୍ । ଚଲ୍‌ତି ଆର୍ଥିକ୍ ବଛର୍ ପହେଲା ଖେପେ ପୁରୀ, କଟକ୍, ଜଗତ୍‌ସିଂହପୁର୍, ଖୋର୍ଦ୍ଧା, ଢ଼େଙ୍କାନାଲ୍ ଆଉ କେନ୍ଦ୍ରାପଡ଼ା ଜିଲ୍ଲାର୍ ବରିଷ୍ଠ ନାଗରିକ୍‌ମାନେ ତୀର୍ଥଯାତ୍ରାଥି ଯାଇଛନ୍ । ଇ ଅବ୍‌ସରେ ଶ୍ରୀମତୀ ପରିଡ଼ା କହିଛନ୍, ପ୍ରଭୁ ଲିଙ୍ଗରାଜ୍‌ଙ୍କର୍ ପୀଠ ନୁ କାଶୀ ବିଶ୍ୱନାଥ ଆଉ ଅଯୋଧ୍ୟା ପୀଠକେ ଇ ଯାତ୍ରା ସଫଲ୍ ହେଉ । କାର୍ଯ୍ୟକ୍ରମ୍‌ଥି ଶିକ୍ଷା, ଦକ୍ଷତା

ବିକାଶ୍, ବୈଷୟିକ୍ ଶିକ୍ଷା ମନ୍ତ୍ରୀ ସମ୍ପଦ୍ ଚନ୍ଦ୍ର ସ୍ୱାଇଁ ଯୋଗ୍ ଦେଇକରି ତୀର୍ଥଯାତ୍ରୀମାନ୍‌କର୍ ସଫଲ୍ ଯାତ୍ରା ଲାଗି ଶୁଭକାମ୍‌ନା କରିଛନ୍ । ଇନ ଜନେଇ ଦିଆଯାଇପାରେ ଯେ, ୨୦୨୬-୨୭ ବଛ୍‌ରେ ମୋଟ୍ ୧୦ ଟା ଖେପେ ୮ ହଜାର୍ ବରିଷ୍ଠ ନାଗରିକ୍ ଅଯୋଧ୍ୟା ବାରାଣାସୀ, ହରିଦ୍ୱାର୍, ଋଷିକେଶ୍, ରାମେଶ୍ୱରମ୍, ମଦୁରାଇ ବାଗିର୍ ଭିନ୍ ଭିନ୍ ଜାଗା ବୁଲ୍‌ବେ ।

ବୁଝାମଣାପତ୍ର ଭୁବନେଶ୍ୱର୍ ସମ୍ବାଦଦାତା

ରାଜ୍ୟର୍ ବିପର୍ଯ୍ୟୟ ପରିଚାଲନା ବ୍ୟବସ୍ଥାକେ ଡାଟା ଭିତିକ୍ ବୈଜ୍ଞାନିକ୍ ଆଉ ପ୍ରଯୁକ୍ତି ସମ୍ପନ୍ନ କରିକରି ବର୍‌କସ୍ କର୍‌ବାର୍ ଦିଗେ ରାଜ୍ୟ ବିପର୍ଯ୍ୟୟ ପରିଚାଲନା କର୍ତୃପକ୍ଷ-ଓସ୍‌ଡମା ତର୍‌ଫୁ ଆଏଜ୍ ୨ ଟା ଜରୁରୀ ବୁଝାମଣାପତ୍ର ଲୋକ୍‌ସଭା ଭବନ୍ ନ ସ୍ୱାକ୍ଷରିତ୍ ହେଇଛେ । ଜାତିସଂଘ ବିକାଶ୍ କାର୍ଯ୍ୟକ୍ରମ୍ -ୟୁଏନ୍‌ଡିପି ଆର୍ ସିଭିକ୍ ଡାଟା ଲେବ୍ ସହେତେ ଇ ସହଭାଗିତା କରାଯାଇଛେ । ଇ ଦୁହି ପ୍ରମୁଖ୍ ସହଯୋଗିତା

ଓଡ଼ିଶାର୍ ବିପର୍ଯ୍ୟୟ ପରିଚାଲନା କ୍ଷମତାକେ ତୃଣମୂଲ୍‌ସ୍ତର୍ ନ ଅଏତ୍‌କା ବର୍‌କସ୍ କର୍‌ବାର୍ ସହେତେ ରାଜ୍ୟକେ ଗୁଟେ ବିପର୍ଯ୍ୟୟ ସହନଶୀଳ ଆଉ ସୁରକ୍ଷିତ୍ ରାଜ୍ୟ ବନାବା ବଲି ରାଜସ୍ୱ ଆଉ ବିପର୍ଯ୍ୟୟ ପରିଚାଲନା ମନ୍ତ୍ରୀ ସୁରେଶ୍ ପୂଜାରୀ କହିଛନ୍ । ଇ ସହଭାଗିତା ଅଧୀନ୍‌ଥି ଓସ୍‌ଡମା ଆଉ ୟୁଏନ୍‌ଡିପି ମିଲିତ୍ ଭାବେ ୩୦ ଟା ଜିଲ୍ଲା ନ ଗୁଟେ ବ୍ୟାପକ୍ ବିପଦ୍ ଆଶଙ୍କା ଆଉ ସଙ୍କଟାପନ୍ନ ସ୍ଥିତି ଆକଲନ୍ କର୍‌ବେ । ଇ ଦୁହି ବୁଝାମଣାପତ୍ର ରାଜ୍ୟର୍ ବିପର୍ଯ୍ୟୟ ବୁଝାମଣା ପତ୍ର ବ୍ୟବସ୍ଥାକେ ପାରମ୍ପରିକ୍ ପଦ୍ଧତି ନୁ ଉପର୍‌କେ ନେଇକରି ପୁରାପୁରି ବୈଜ୍ଞାନିକ୍, ଡାଟାଭିତିକ୍ ଆଉ ଡିଜିଟାଲ୍ ଭାବେ ଅଏତ୍‌କା ଶକ୍ତିଶାଳୀ କର୍‌ବା । ମୁଖ୍ୟମନ୍ତ୍ରୀଙ୍କର୍ ନେତୃତ୍ୱଥି ଜିରୋ କାଜୁଆଲ୍‌ଟି ହାସଲ୍ ଦିଗେ ଇଟା ଗୁଟେ ବଡ଼ ପଦକ୍ଷେପ୍ ହେବା ବଲି ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍ ।

ଜରିମାନା ହ୍ରାସ ଆର୍‌ଏନ୍‌ୟୁ/ ସମ୍ବଲପୁର

ପ୍ରଦୂଷଣ ପ୍ରମାଣପତ୍ର ଜରିମାନାକେ କମ୍ କରାଯାଇଛେ ବଲି ସଡ଼କ୍ ଆଉ ପରିବହନ୍ ମନ୍ତ୍ରୀ ବିଭୂତି ଭୂଷଣ୍ ଜେନା କହିଛନ୍ । ଜରିମାନା ଟଙ୍କା ୧୦ ହଜାର୍ ବଦ୍‌ଲେ ୬ ହଜାର୍ ଟଙ୍କା ଧାରିଜ୍ କରାଯାଇଛେ । ଦୁଇ ଆଉ ୩ ଚକିଆ ଗାଡ଼ି ଲାଗି ପହେଲା ଥର୍ ନିୟମ୍ ଭାଙ୍ଗ୍‌ଲେ ହଜାରେ ଟଙ୍କା ଆଉ ଦୁଇ ନମ୍ବର୍ ଥର୍ ଲାଗି ୫ ହଜାର୍ ଟଙ୍କା ଦେବାର୍‌କେ ପଡ଼୍‌ବା ବଲି ମନ୍ତ୍ରୀ କହିଛନ୍ । ୪ ଚକିଆ ଗାଡ଼ି ଲାଗି ପହେଲାଥର୍ ନିୟମ୍ ଭାଙ୍ଗ୍‌ଲେ ୨ ହଜାର୍ ଆଉ ୨ ନମ୍ବର୍ ଥରର୍ ଲାଗି ୫ ହଜାର୍ ଟଙ୍କା ଜରିମାନା ଲାଗୁ କରାଯିବା । ଇତାର୍‌ଛଡ଼ା ଅଲ୍‌ଗା ଗାଡ଼ି ମାନ୍‌କର୍ ଲାଗି ପହେଲାଥର୍ ନିୟମ୍ ଭାଙ୍ଗ୍‌ଲେ ୩ ହଜାର୍ ଆଉ ୨ ନମ୍ବର୍ ଥରର୍ ଲାଗି ୬ ହଜାର୍ ଟଙ୍କା ଜରିମାନା ଦେବାର୍‌କେ ପଡ଼୍‌ବା । ୯୦ ଦିନ୍‌ନୁ ଅଏତ୍‌କା ଦିନ୍ ଇ-ଚାଲାଣ୍ ବାକିଥିଲେ ପ୍ରଦୂଷଣ୍ ପ୍ରମାଣ୍‌ପତ୍ର ରଦ୍ଦ ହେଇଯିବା ବଲି ମନ୍ତ୍ରୀ ଶ୍ରୀ ଜେନା କହିଛନ୍ ।

(ଭଏସ୍ ଓଭର୍- ବିଭୂତି ଭୂଷଣ୍ ଜେନା)

ରାହୁରେଖା ଲାଗି ନୀତି        ପୁରୀ ସମ୍ବାଦଦାତା

ଭୁଦୋ ମାସର୍ ଅନ୍ଧାର୍ପଖର୍ ପଂଚମୀ ତିଥି ନ ଆଏଜ୍ ପୁରୀ ଶ୍ରୀମନ୍ଦିର୍ ନ ଶ୍ରୀବିଗ୍ରହମାନ୍କର୍ ରାହୁରେଖା ଲାଗି ନୀତି ହେଉଛେ । ଇଟା ଗୁଟେ ଗୁପ୍ତନୀତି ହେଇଥିବାର୍ନୁ ପହେଲା ଭୋଗମଣ୍ଡପ୍ ଭୋଗ ଶେଷ୍ ହେବାର୍ ଉତ୍ରୁ ଇ ସ୍ୱତନ୍ତ୍ର ନୀତି ଚାଲିଛେ । ଇଥିର୍ଲାଗି ଆଏଜ୍ ଦୁଇପହରର୍ ଅଢ଼େଇ ବଜେନୁ ସଞ୍ଝର୍ ୭ ବଜେତକ୍ ସର୍ବସାଧାରଣ୍ ଦର୍ଶନ୍ ବନ୍ଦ୍ ରହିଥିଲା । ଗଲା ସ୍ନାନ ପୂର୍ଣ୍ଣିମା ଦିନ ଅଣସର ଘରେ ମାହାପୁରୁମାନ୍କର୍ ଶ୍ରୀମୁଖର ଚାର୍ହିଆଢ଼େ ସୁନାଥି ତିଆର୍ ହେଇଥିବା ରାହୁରେଖାକେ ଓଲାଗି କରେଇକରି ଭଣ୍ଡାର ଘରେ ରଖାଯାଇଥିଲା । ଇତାକେ ଆଏଜ୍ ରେଖା ପଂଚମୀ ଅବ୍ସରେ ମାହାପୁରୁମାନ୍କର୍ ଶ୍ରୀମୁଖ ନ ଲାଗି କରାଯିବା ।

ରାଜ୍ୟର୍ କେତେଟା ଜାଗା ନ ଆଏଜ୍ ଖାସ୍ ଦ୍ୱାରପୂଜା ନୀତି କରାଯିବାର୍ ବିଧି ରହିଛେ । ରକ୍ଷା ପଂଚମୀ ନ ଗୃହ କର୍ତାମାନେ ସାଁପ୍, ହିଂସ୍ର ପଶୁ, ଭୂତ ପିଶାଚମାନ୍କର୍ନୁ ନିଜ୍କେ ସୁରକ୍ଷିତ୍ ରଖିବାର୍ ଲାଗି ଶ୍ରୀ ବଟୁକ ଭୈରବଙ୍କର୍ ପୂଜା କର୍ସନ୍ ।

ବିଶ୍ୱ ନଡ଼ିଆ ଦିବସ୍        ଆର୍‌ଏନ୍‌ୟୁ/ ସମ୍ବଲପୁର

ଭାରତୀୟ ସଂସ୍କୃତିଥି ନଡ଼ିଆ କି ଶ୍ରୀଫଳର ବହୁତ୍‌ଟେ ଗୁରୁତ୍ୱ ରହିଛେ । ଶୁଭ ସମୃଦ୍ଧିର୍ ପ୍ରତୀକ୍ ନଡ଼ିଆର୍ ବେଭାର୍ ଆର୍ ତାର୍ ଉପଯୋଗିତା ବାବ୍‌ଦେ ଲୁକ୍‌କୁ ସଚେତନ୍ କର୍‌ବାର୍ ଲକ୍ଷ୍ୟଥି ଆଏଜ୍ ପାଲନ୍ କରାଯାଉଛେ ବିଶ୍ୱ ନଡ଼ିଆ ଦିବସ୍ । ୨୦୦୯ ସେପ୍ଟେମ୍ବର୍ ମାସର୍ ୨ ତାରିଖ୍ ଦିନ ଏସିଆ-ପେସିଫିକ୍ କୋକୋନଟ୍ କମ୍ୟୁନିଟି ଗଠନ୍ କରାଯାଇଥିଲା । ନଡ଼ିଆ ଚାଷ୍ ବାବ୍‌ଦେ ଲୁକ୍‌କର୍ ଭିତ୍‌ରେ ସଚେତନତା ବଢ଼ାବାର୍‌ଟା ଇ ଦିବସ୍‌ର ମୁଖ୍ୟ ଲକ୍ଷ୍ୟ ଆଏ । ଇ ବଛର୍ ନଡ଼ିଆ ଦିବସ୍‌ର ବାର୍ତା ରହିଛେ ନଡ଼ିଆର୍ ଶକ୍ତିକେ ଉନ୍ମୋଚନ୍ କର୍‌ମା ଆର୍ ବିଶ୍ୱସ୍ତର୍‌ର କାମ୍‌କେ ତହଁକାମା । ସୂଚ୍‌ନା ଅନ୍‌ସାରେ ନଡ଼ିଆ ଉତ୍ପାଦନ୍‌ଥି ଭାରତ୍ ପୁର୍‌ଥି ନ ୩ ନମ୍ବର୍ ଠାନେ ରହିଛେ ।

ବିଧାନ୍‌ସଭା ସଦାଚାର୍ ଗୃହ କମିଟି ବୈଠକ୍/ସମ୍ବଲପୁର

ସମ୍ବାଦଦାତା

ବିଧାନ୍‌ସଭା ସଦାଚାର୍ ଗୃହ କମିଟି ଆଏଜ୍ ସମ୍ବଲ୍‌ପୁର୍ ଗସ୍ତଥି ଆସିଛନ୍ । କମିଟିର୍ ଅଧ୍ୟକ୍ଷ ସନାତନ ବିଜୁଲିଙ୍କର୍ ନେତୃତ୍ୱଥି କମିଟିର୍ ସଦସ୍ୟମାନେ ସମ୍ବଲ୍‌ପୁର୍ ଆସିକରି ମା' ସମଲେଶ୍ୱରୀଙ୍କର୍ ଦର୍ଶନ୍ କଲା ଉତ୍‌ରୁ ସମ୍ବଲ୍‌ପୁର୍ ମହାନଗର୍ ନିଗମ୍ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ ନ ସମୀକ୍ଷା ବୈଠକ୍ କରିଛନ୍ । ବୈଠକ୍‌ଥି ବୁକ୍ ସର୍କଲ୍ ଅଫ୍ - ୪୭ ପାଳନ୍, ଏସିଡିସି ବୈଠକ୍ ବାବ୍‌ଦେ ବିସ୍ତୃତ୍ ଆଲୋଚନା ହେଇଛେ । ଇତାର୍‌ଛଡ଼ା ସାଂସଦ୍ ଆଉ ବିଧାୟକ୍‌ମାନ୍‌କର୍ ଭିତ୍‌ରେ ସୁସମ୍ପର୍କ ବାବ୍‌ଦେ ଭିଲ୍ ଆଲୋଚନା ହେଇଛେ । କୃତ୍ରିମ ବୁଦ୍ଧିମତା- ଏଆଇର ଅସଦ୍ ବେଭାର୍ ଉପ୍‌ରେ ରୋକ୍ ଲଗାବାର୍ ଲାଗି କମିଟି ଅଧିକାରୀମାନ୍‌କୁ ନିର୍ଦ୍ଦେଶ୍ ଦେଇଛେ ।

ବିମାନ୍ ସେବା ହି.ସ.

ଝାର୍‌ସୁଗୁଡ଼ା ବୀର ସୁରେନ୍ଦ୍ର ସାଏ ବିମାନ୍ ବନ୍ଦର୍‌ନୁ ଆଏବା ୪ ତାରିଖ୍‌ନୁ ହାଇଦ୍ରାବାଦ୍-ଭୁବ୍‌ନେଶ୍ୱର୍ ଭିତ୍‌ରେ ସିଧାସଲଖ୍

ବିମାନ୍‌ସେବା ଫେର୍‌ଘାଏ ମୁଲ୍ ହେବା ବଲି ବିମାନ୍ କମ୍ପାନୀ ଷ୍ଟାର୍ ଏୟାର୍ ତର୍‌ଫୁ ସୂଚ୍‌ନା ଦିଆଯାଇଛେ । ଓଡ଼ିଶା ଲାଗି ହପ୍ତାକ ମୋଟ୍ ୨୪ ଟା ନୂଆଁ ବିମାନ୍ ସେବା ଜୁଡ଼ାଯିବା । ସେଥିର୍‌ଭିତ୍‌ରୁ ଭୁବ୍‌ନେଶ୍ୱର୍-ଝାର୍‌ସୁଗୁଡ଼ା ବିମାନ୍‌ସବା ହପ୍ତାକ ୬ ଦିନ୍ ଚଲାଚଲ୍ କର୍‌ବା ବଲି କମ୍ପାନୀ ତର୍‌ଫୁ ସୂଚ୍‌ନା ମିଲିଛେ ।

ଜିଲ୍ଲା ପରିବେଶ୍ ନିରୀକ୍ଷଣ୍ କମିଟି ବୈଠକ/ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଜିଲ୍ଲା ନ ପରିବେଶ୍ ସୁରକ୍ଷା, କଠିନ୍ ବର୍ଜ୍ୟବସ୍ତୁ ପରିଚାଲନା ଆଉ ପ୍ରଦୂଷଣ୍ ନିୟନ୍ତ୍ରଣ୍‌କେ ବର୍‌କସ୍ କର୍‌ବାର୍ ଲାଗି ଜିଲ୍ଲାପାଲ୍ ମଧୁସୂଦନ୍ ଦାସ୍‌ଙ୍କର୍ ଅଧ୍ୟକ୍ଷତାଥି ଆଏଜ୍ ୪ ନମ୍ବର୍ ଜିଲ୍ଲା ପରିବେଶ୍ ନିରୀକ୍ଷଣ୍ କମିଟି ବୈଠକ୍ ହେଇଯାଇଛେ । ରାଜ୍ୟ ପ୍ରଦୂଷଣ୍ ନିୟନ୍ତ୍ରଣ୍ ବୋର୍ଡ଼-ବଲାଙ୍ଗିର୍‌ର ଆଂଚଲିକ୍ ଅଧିକାରୀ ବବିତା ସିଂ କ୍ରସର୍ ୟୁନିଟର୍ ୟୁଗ୍ମ ୟାଂଚ୍ ଆଉ ରାଇସ୍ ମିଲ୍ ନିୟମ୍ ଉଲ୍ଲଂଘନ୍ ବାବ୍‌ଦେ ସୂଚ୍‌ନା ଦେଇଥିଲେ । ହୋଟେଲ୍ ମାନ୍‌କର୍ ପରିବେଶ୍ ସମ୍ମତି

ଆଉ ଏସ୍‌ଟିପି ବ୍ୟବସ୍ଥା ଉପ୍‌ରେ ଜୋର୍ ଦେଇକରି ନିୟମ୍ ନାଇଁ ମାନୁଥିବା ହୋଟେଲ୍ ମାନ୍‌କର୍ ବିରୋଧିଥି କଡ଼ା କାର୍ଯ୍ୟାନୁଷ୍ଠାନ୍ ଲାଗି ଜିଲ୍ଲାପାଲ୍ ନିର୍ଦ୍ଦେଶ୍ ଦେଇଛନ୍ ।

ନିଯୁକ୍ତି ଅଭିଯାନ୍ ହି.ସ.

ଚାକିରୀ ଆଶାୟୀ ପ୍ରାର୍ଥୀମାନ୍‌କୁ ଭିନ୍ ଭିନ୍ ଘରୋଇ କମ୍ପାନୀମାନ୍‌କେ ନିଯୁକ୍ତି ସୁଯୋଗ୍ ଦେବାର୍ ଉଦ୍ଦେଶ୍ୟଥି ଆଏବା ୫ ତାରିଖ୍ ଶନିବାର୍ ଦିନ ଝାର୍‌ସୁଗୁଡ଼ା ଜିଲ୍ଲା ନ ଗୁଟେ ନିଯୁକ୍ତି ଅଭିଯାନ୍‌ର ଆୟୋଜନ୍ କରାଯାଇଛେ । ଇ ଅଭିଯାନ୍ ଜିଲ୍ଲାପାଲ୍‌ଙ୍କର୍ କାର୍ଯ୍ୟାଳୟ -ଡିଏମ୍‌ଏଫ୍ ପ୍ରେକ୍ଷାଳୟ ନ ସଖାଲର୍ ସାଢ଼େ ୧୦ ବଜୁ ୨ ବଜେତକ୍ ଚାଲ୍‌ବା । ଆଶାୟୀ ଯୁବକ୍ ଯୁବତୀମାନେ ଧାରିଜ୍ ସମିଆ ଭିତ୍‌ରେ ଜରୁରୀ ଶିକ୍ଷାଗତ ପ୍ରମାଣ୍‌ପତ୍ର, ବାୟୋଡାଟା ଆଉ ଜରୁରୀ କାଗଜ୍‌ପତର୍ ସହେତେ ଉପସ୍ଥିତ୍ ରହେବାର୍‌କେ ପ୍ରଶାସନ୍ ତର୍‌ଫୁ ଅନୁରୋଧ୍ କରାଯାଇଛେ ।

ଝାର୍ସୁଗୁଡ଼ା-ସିଙ୍ଗିଲ୍ ଓ୍ୱଣ୍ଡୋ ବୈଠକ୍ ହି.ସ.

ଝାର୍ସୁଗୁଡ଼ା ଜିଲ୍ଲାପାଲ୍ କୁନାଲ୍ ମୋତିରାମ୍ ଚୌହାନ୍ଙ୍କର୍ ଅଧ୍ୟକ୍ଷତାଥି ଜିଲ୍ଲାସ୍ତରୀୟ ଏକକ ବାତାୟନ ଅନୁମୋଦନ୍ କର୍ତ୍ତୃପକ୍ଷଙ୍କର୍ ବୈଠକ୍ ହେଇଯାଇଛେ । ଜିଲ୍ଲାଥି ଶିଳ୍ପାୟନ୍ର ଅଗ୍ରଗତି, ନୂଆଁ ଉଦ୍ୟୋଗ୍ ଥାପ୍ନା ଆଉ ପୁଞ୍ଜିନିବେଶ୍କେ ତୁର୍ତି କର୍ବାର୍ ଲାଗି ବୈଠକ୍ଥି ଆଲୋଚନା କରାଯାଇଛେ ।

ପାଣିପାଗ ଆର୍ଏନ୍ୟୁ/ ସମ୍ବଲପୁର

ଉତର୍ ପଶ୍ଚିମବଙ୍ଗ୍ , ଉତର୍ ସମୁଦ୍ରଖଁଡ଼ି ଓଡ଼ିଶା ଆଉ ଉତର୍ ପଶ୍ଚିମ ବଙ୍ଗୋପ୍ସାଗର୍କେ ଲାଗିକରି ଥିବା ଇଲାକା ନ ଗୁଟେ ଲଘୁଚାପ୍ କ୍ଷେତ୍ର ସକ୍ରିୟ ରହିଛେ । ଇତାର୍ ପ୍ରଭାବ୍ଥି ରାଜ୍ୟର୍ ଭିନ୍ ଭିନ୍ ଜାଗା ନ ବର୍ଷା ଲାଗି ରହିଛେ । ଆଏବା ୨୪ ଘଂଟା ଭିତ୍ରେ ରାଜ୍ୟର୍ ୧୨ ଟା ଜିଲ୍ଲାକେ ଧୁକାଗର୍ଡ଼ି ଆଉ ବିଜ୍ଲି ମାରିକରି ଅତି ଜବର୍ ବର୍ଷା ହେବାର୍ ସମ୍ଭାବନା ଅଛେ ବଲି

ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ ସତର୍କ ସୂଚ୍‌ନା ଜାରି କରାଯାଇଛେ । ଆଏବା ହପ୍ତେତକ୍ ରାଜ୍ୟର୍ ଭିନ୍ ଭିନ୍ ଜାଗା ନ ହାଲ୍‌କାନୁ ମଧ୍ୟମ୍ ଧରଣ୍‌ରେ ବର୍ଷା ହେବାର୍ ସମ୍ଭାବନା ରହିଛେ ।